# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23 July - 2024

### News Editor : Itishree Singh Rathaur

********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ବଜେଟ୍‌ରେ ବିକଶିତ ଭାରତ ଗଠନ ପାଇଁ ୯ଟି ବିଷୟକୁ ଗୁରୁତ୍ୱ

– କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧ ଲକ୍ଷ ୫୨ ହଜାର କୋଟି ଟଙ୍କାର ବ୍ୟବସ୍ଥା

– ପୂର୍ବୋଦୟ ଯୋଜନାରେ ଓଡ଼ିଶା ସମେତ ୫ଟି ରାଜ୍ୟର ହେବ ସର୍ବାଙ୍ଗୀନ ବିକାଶ

– ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ବେଳାଭୂମି ପର୍ଯ୍ୟଟନ ବିକାଶ ପାଇଁ ଓଡ଼ିଶାକୁ ମିଳିବ ସ୍ୱତନ୍ତ୍ର ସହାୟତା

- ଚଳିତ ବଜେଟ୍ ବିକଶିତ ଭାରତର ସୁଦୃଢ଼ ମୂଳଦୁଆ ରଖିବା ସହ ସମାଜର ପ୍ରତିବର୍ଗକୁ ସଶକ୍ତ କରିବ; କହିଲେ ପ୍ରଧାନମନ୍ତ୍ରୀ

- ନିଟ୍ ୟୁଜି- ୨୦୨୪ ପ୍ରବେଶିକା ପରୀକ୍ଷା ମାମଲାର ଶୁଣାଣି କରି ପୁନଃ ପରୀକ୍ଷା ହେବ ନାହିଁ; କହିଲେ ସୁପ୍ରିମକୋର୍ଟ

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଅନୁଷ୍ଠିତ ହେବ ଶ୍ରୀଜୀଉଙ୍କ ବନକଲାଗି ନୀତି

***GNR/PIB***

# ବଜେଟ୍-୨୦୨୪

ଲୋକସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ରୀୟ ବଜେଟ୍ ଆଗତ କରିଛନ୍ତି। ବଜେଟ୍‌ରେ ବିକଶିତ ଭାରତ ଗଠନ ପାଇଁ କୃଷି କ୍ଷେତ୍ରରେ ଉତ୍ପାଦକତା, ନିଯୁକ୍ତି ଏବଂ ଦକ୍ଷତା, ମାନବ ସମ୍ବଳର ବିକାଶ, ଉତ୍ପାଦନ ଓ ସେବା, ନଗର ଉନ୍ନୟନ, ଶକ୍ତି ନିରାପତ୍ତା, ଭିତ୍ତିଭୂମି, ଗବେଷଣା ଏବଂ ପରବର୍ତ୍ତୀ ପିଢ଼ିର ସଂସ୍କାର ଭଳି ୯ଟି ବିଷୟକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଆଗାମୀ ୫ ବର୍ଷ ମଧ୍ୟରେ ୪ କୋଟି ୧ ଲକ୍ଷ ଯୁବକଙ୍କୁ ରୋଜଗାର ଯୋଗାଇ ଦେବା ଲାଗି ୫ଟି ଯୋଜନାରେ ୨ ଲକ୍ଷ କୋଟି ଟଙ୍କା ବ୍ୟୟ କରାଯିବା ପାଇଁ ବ୍ୟବସ୍ଥା ହୋଇଛି।

ଚଳିତ ବଜେଟ୍‌ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧ ଲକ୍ଷ ୫୨ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ରାଜ୍ୟଗୁଡ଼ିକ ସହଭାଗିତାରେ ସରକାର ଆଗାମୀ ୩ ବର୍ଷ ମଧ୍ୟରେ କୃଷି କ୍ଷେତ୍ରରେ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି କାର୍ଯ୍ୟକାରୀ କରାଯିବ। ପ୍ରାକୃତିକ ଚାଷ ପାଇଁ ୧୦ ହଜାର ଆବଶ୍ୟକତା ଭିତ୍ତିକ ଜୈବ ଇନ୍‌ପୁଟ୍ ସମ୍ବଳ କେନ୍ଦ୍ର ପ୍ରତିଷ୍ଠା କରାଯିବ।

ସମବାୟ କ୍ଷେତ୍ରର ଶୃଙ୍ଖଳିତ ଏବଂ ସର୍ବାଙ୍ଗୀନ ବିକାଶ ପାଇଁ ସରକାର ଏକ ଜାତୀୟ ସହଯୋଗ ନୀତି ଆଣିବେ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

ସେ କହିଛନ୍ତି, ଦେଶର ପୂର୍ବାଞ୍ଚଳର ସର୍ବାଙ୍ଗିନ ବିକାଶ ନିମନ୍ତେ ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ପାଇଁ ସରକାର ପୂର୍ବୋଦୟ ନାମକ ଏକ ଯୋଜନା ପ୍ରସ୍ତୁତ କରିବେ । ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ପାଇଁ ବଜେଟ୍‌ରେ ବିଶେଷ ଘୋଷଣା କରାଯାଇଛି । ଓଡ଼ିଶାର ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ବେଳାଭୂମି ପର୍ଯ୍ୟଟନର ବିକାଶକୁ ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି । ଏଥିପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

ବଜେଟ୍‌ରେ ଆୟକର ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି । କେନ୍ଦ୍ର ସରକାର ନୂଆ ଟିକସ ବ୍ୟବସ୍ଥାରେ ଆୟକରରେ ବେତନଭୋଗି କର୍ମଚାରୀଙ୍କ ପାଇଁ ଷ୍ଟାଣ୍ଡାର୍ଡ ଡିଡକସନ୍‌କୁ ୫୦ ହଜାର ଟଙ୍କାରୁ ୭୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ସେହିପରି ପେନ୍‌ସନ୍‌ଭୋଗୀଙ୍କ ପାଇଁ ପାରିବାରିକ ପେନ୍‌ସନ୍ ଉପରେ ରିହାତି ୧୫ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।

ନୂଆ ଟିକସ ବ୍ୟବସ୍ଥାରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କୌଣସି ଆୟକର ଲାଗୁ ହେବ ନାହିଁ । ୩ ଲକ୍ଷରୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୫ ପ୍ରତିଶତ, ୭ ରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୧୦ ପ୍ରତିଶତ, ୧୦ ରୁ ୧୨

ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୧୫ ପ୍ରତିଶତ, ୧୨ ରୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨୦ ପ୍ରତିଶତ ଓ ୧୫ ଲକ୍ଷ ଟଙ୍କାରୁ ଅଧିକ ଆୟ ଉପରେ ୩୦ ପ୍ରତିଶତ ଆୟକର ଦେବାକୁ ପଡିବ।

ଅନ୍ୟପକ୍ଷରେ ନୂଆ ପେନ୍‌ସନ୍ ସ୍କିମ୍-ଏନ୍.ପି.ଏସ୍. ବାବଦରେ କେନ୍ଦ୍ର ସରକାର ନିଯୁକ୍ତିଦାତାଙ୍କ ରିହାତି ନିମନ୍ତେ କର୍ମଚାରୀଙ୍କ ଦରମାର ଅଂଶଧନ ୧୦ ରୁ ୧୪ ପ୍ରତିଶତକୁ ବୃଦ୍ଧି କରିଛନ୍ତି।

ବଜେଟ୍‌ରେ ମହିଳା ସଶକ୍ତିକରଣ ପାଇଁ ଅନେକ ପଦକ୍ଷେପ ନିଆଯାଇଛି। କର୍ମଜୀବୀ ମହିଳା ହଷ୍ଟେଲ ଓ କ୍ରେଜ୍ ନିର୍ମାଣ ପାଇଁ ବ୍ୟବସ୍ଥା ରହିଛି। ସେହିଭଳି ମହିଳା ନିର୍ଦ୍ଦିଷ୍ଟ ଦକ୍ଷତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ମହିଳା ଓ ବାଳିକାମାନଙ୍କ ବିକାଶ ପାଇଁ ହେଉଥିବା ଯୋଜନା ପାଇଁ ସମୁଦାୟ ୩ ଲକ୍ଷ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ସେହିଭଳି ଆଦିବାସୀ ଅଧ୍ୟୁଷିତ ଗ୍ରାମ ଓ ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ଆଦିବାସୀ ପରିବାରର ସାମାଜିକ ଓ ଆର୍ଥିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ଆରମ୍ଭ କରାଯିବ।

ଗବେଷଣା ଉଦ୍ଭାବନକୁ ପ୍ରାଥମିକତା ଦେଇ ଅନୁସନ୍ଧାନ ଜାତୀୟ ଗବେଷଣା ପାଣ୍ଠି କାର୍ଯ୍ୟକ୍ଷମ ହେବ। ଆସନ୍ତା ୧୦ ବର୍ଷ ମଧ୍ୟରେ ମହାକାଶ ଅର୍ଥନୀତିକୁ ୫ ଗୁଣ ବୃଦ୍ଧି କରିବା ପାଇଁ ୧ ହଜାର କୋଟି ଟଙ୍କାର ଭେଞ୍ଚର କ୍ୟାପିଟାଲ ଫଣ୍ଡ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି।

ବଜେଟ୍‌ରେ ସୁନା, ରୂପା, ପ୍ଲାଟିନମ ଉପରେ ସୀମାଶୁଳ୍କ ହ୍ରାସ କରାଯାଇଛି।  ସେହିଭଳି ମୋବାଇଲ, ମୋବାଇଲ ଚାର୍ଜର, ତିନୋଟି କର୍କଟ ଔଷଧ, ମେଡିକାଲ ଯନ୍ତ୍ରପାତି, ସୋଲାର ସେଲ୍ ଆଦି ଉପରୁ ସୀମାଶୁଳ୍କକୁ ହ୍ରାସ ବା ଛାଡ଼ କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଧାରଣ ବଜେଟ୍ ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି, ଏହି ବଜେଟ୍ ବିକଶିତ ଭାରତର ସୁଦୃଢ଼ ମୂଳଦୁଆ ରଖିବ ଏବଂ ସମାଜର ପ୍ରତିବର୍ଗକୁ ସଶକ୍ତ କରିବ। ବଜେଟ୍ ଦେଶର ଗାଁ, ଗରିବ ଚାଷୀଙ୍କୁ ସମୃଦ୍ଧିର ରାସ୍ତାରେ ନେଇଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବଜେଟ୍‌ରେ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର ବିକାଶ ପାଇଁ ବିଶେଷ ଗୁରୁତ୍ୱ ଦେବା ସହ ଆବଶ୍ୟକ ଆର୍ଥିକ ସହାୟତା ପାଇଁ ବ୍ୟବସ୍ଥା କରିଥିବାରୁ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ୨୦୨୪-୨୫ ବଜେଟ୍ ସର୍ବସ୍ପର୍ଶୀ ଓ ସର୍ବସମାବେଶୀ ହୋଇଛି। ପୂର୍ବୋଦୟ ଯୋଜନାରେ ଓଡ଼ିଶା ପୂର୍ବ ଭାରତର ସମୃଦ୍ଧିର କେନ୍ଦ୍ରବିନ୍ଦୁ ହେବା ସହ ଦେଶର ଆର୍ଥିକ ଅଭିବୃଦ୍ଧିର ଚାବିକାଠି ହେବ ବୋଲି ସେ କହିଛନ୍ତି।

ଚଳିତ ବଜେଟ୍‌କୁ ନେଇ ସାଧାରଣ ଲୋକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବରିଷ୍ଠ ଅର୍ଥନୀତିଜ୍ଞ ରାଜୀବ ସାହୁ କହିଛନ୍ତି...

**- V/O -**

ସେହିଭଳି ଓଡ଼ିଶା ଚାମ୍ବର ଅଫ୍ କମର୍ସର ଯୁଗ୍ମ ସଚିବ ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି...

**- V/O –**

***Desk***

## ରେଳ ବଜେଟ୍

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ରେଳ ବଜେଟ୍ ଘୋଷଣା କରିଛନ୍ତି । ଚଳିତ ବଜେଟ୍‌ରେ ରେଳବାଇ କ୍ଷେତ୍ରର ଆଧୁନିକୀକରଣ ଏବଂ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଫ୍ଲାଏ ଓଭର, ଅଣ୍ଡରପାସ୍ ନିର୍ମାଣ, ରେଳ ସୁରକ୍ଷା ପାଇଁ କବଚର ସ୍ଥାପନ ଲାଗି ୧ ଲକ୍ଷ ୮ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଗତ ୧୦ ବର୍ଷ ମଧ୍ୟରେ ୪୦ ହଜାର କିଲୋମିଟର ରେଳ ବିଦ୍ୟୁତିକରଣ କରାଯିବା ସହ ଗତ ୧ ବର୍ଷ ମଧ୍ୟରେ ୫ ହଜାର ୩୦୦ କିଲୋମିଟର ନୂଆ ଟ୍ରାକ୍ ନିର୍ମାଣ ହୋଇଛି । ଏଥିସହ ୧୦ ବର୍ଷ ମଧ୍ୟରେ ରେଳବାଇ କ୍ଷେତ୍ରରେ ପ୍ରାୟ ୫ ଲକ୍ଷ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଶ୍ରୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

**- V/O –**

***Desk***

## ସୁପ୍ରିମକୋର୍ଟ- ନିଟ୍ ୟୁଜି

ସୁପ୍ରିମକୋର୍ଟରେ ନିଟ୍ ୟୁଜି ପ୍ରବେଶିକା ପରୀକ୍ଷା -୨୦୨୪ ମାମଲାର ଆଜି ଶୁଣାଣି ହୋଇଛି । ଶୁଣାଣି ସମୟରେ ସର୍ବୋଚ୍ଚ ନ୍ୟାୟାଳୟ ପୁନଃ ନିଟ୍ ପରୀକ୍ଷା ନେଇ ନିର୍ଦ୍ଦେଶ ଦେବାକୁ ମନା କରିଛନ୍ତି ।

ସୁପ୍ରିମକୋର୍ଟ କହିଛନ୍ତି, ପରୀକ୍ଷାରେ ବ୍ୟାପକ ଅନିୟମିତତାର କୌଣସି ପ୍ରମାଣ ନାହିଁ, ତେଣୁ ପୁନଃ ପରୀକ୍ଷା ପାଇଁ ଆଦେଶ ଦେବା ଉପଯୁକ୍ତ ହେବ ନାହିଁ। ସୂଚନା ଅନୁସାରେ, ପୂର୍ବରୁ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଆଇ.ଆଇ.ଟି. ଦିଲ୍ଲୀର ନିର୍ଦ୍ଦେଶକଙ୍କୁ ବିଶେଷଜ୍ଞ କମିଟି ଗଠନ କରି ପ୍ରବେଶିକା ପରୀକ୍ଷାର ପଦାର୍ଥ ବିଜ୍ଞାନ ପ୍ରଶ୍ନପତ୍ରର ସମୀକ୍ଷା କରି ରିପୋର୍ଟ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ।

***Assembly***

## ବିଧାନସଭା- ଜଳଜୀବନ ମିଶନ

ବିଧାନସଭାରେ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି, କେନ୍ଦ୍ର ସରକାର ଜଳଜୀବନ ମିଶନରେ ୨୦୨୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରାଜ୍ୟକୁ ମୋଟ୍ ୭ ହଜାର ୩୪୩ କୋଟି ୬୮ ଲକ୍ଷ ୧୮ ହଜାର ଟଙ୍କାର ଅନୁଦାନ ଦେଇଛନ୍ତି। ସେଥିମଧ୍ୟରୁ ୧୩୩ କୋଟି ଅଣଷଠୀ ଲକ୍ଷ ୭୮ ହଜାର ଟଙ୍କା ପୁରୀ ଜିଲ୍ଲା ପାଇଁ ପ୍ରଦାନ କରାଯାଇଛି। ସେହିଭଳି କାକଟପୁର ନିର୍ବାଚନମଣ୍ଡଳୀ ପାଇଁ ଆରମ୍ଭ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଆସନ୍ତା ୨୦୨୫ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

***BBSR***

## ଉପବାଚସ୍ପତି ନାମାଙ୍କନ

ଓଡ଼ିଶା ବିଧାନସଭାର ଉପବାଚସ୍ପତି ପଦ ପାଇଁ ତଳସରା ବିଜେପି ବିଧାୟକ ଭବାନୀ ଶଙ୍କର ଭୋଇ ଆଜି ନାମାଙ୍କନପତ୍ର ଦାଖଲ କରିଛନ୍ତି।

ଉପବାଚସ୍ପତି ନିର୍ବାଚନ ନେଇ ଆଜି ବାଚସ୍ପତି ସୁରମା ପାଢ଼ି ଗୃହରେ ଘୋଷଣା କରିଥିଲେ ।

*Puri*

## ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରାବଣ ମାସ କୃଷ୍ଣପକ୍ଷ ବୁଧବାର ତୃତୀୟା ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ ହେବାପରେ ପ୍ରାୟ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

*****